# ODM PUBLIC SCHOOL

**SESSION :** ୦୧
**CLASS :** ଚତୁର୍ଥ ଶ୍ରେଣୀ
**SUBJECT :** ଓଡ଼ିଆ
**CHAPTER NAME :** ପାଠ-୫ "ଜନ୍ ଙ୍କ ପ୍ରିୟ ସାଥି ଡିକ୍"
**SUBTOPIC :** ଉପକ୍ରମ, ଲେଖକ ପରିଚୟ ଓ ପଠନ

CHANGING YOUR TOMORROW

# ଶୈକ୍ଷିକ ଉଦ୍ଦେଶ୍ୟ

ଶିଶୁଙ୍କ କୋମଳ ହୃଦୟ ରେ ଜୀବେ ଦୟା ଭାବ ଉଦ୍ରେକ କରିବା



Double click here



ଆସ ଦେଖ୍‌ବା ଓ ଶୁଣିବା ଏକ ଗପ "ସାଧୁଙ୍କ କୁକୁର”"

# ଡଃ ଦିଗରାଜ ବ୍ରହ୍ମା



ଡଃ ଦିଗରାଜ ବ୍ରହ୍ମା ଓଡ଼ିଆ ଶିଶୁ ସାହିତ୍ୟର ଏକ ଅନନ୍ୟ ସ୍ରଷ୍ଟା । ସେ ଜଣେ ଗବେଷକ ଏବଂ ସୁନାମଧନ୍ୟ ଶିଶୁ ସାହିତ୍ୟିକ ଭାବରେ ଜଣାଶୁଣା । ସେ କଟକ ଜିଲ୍ଲାରେ ୧୯୪୯ ରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ସାହିତ୍ୟିକ କୃତି ପାଇଁ ଅନେକ ପୁରସ୍କାର ପାଇଥିଲେ

ODM PUBLIC SCHOOL
SCHOOL OF HUMAN EXCELLENCE

# ଗୃହ ପାଳିତ ପଶୁ





ODM PUBLIC SCHOOL
SCHOOL OF HUMAN EXCELLENCE

# ଜନ୍ ଙ୍କ ପ୍ରିୟ ସାଥି ଡିକ

ସେଦିନ କାର୍ଲାଇଲ ସହରର ଏକ ରାସ୍ତାରେ ଯାଉଥିଲେ ଜଣେ ଭାରତୀୟ ଯୁବକ । ସାଙ୍ଗରେ ଥିଲେ ତାଙ୍କର ଜଣେ ବନ୍ଧୁ । ବନ୍ଧୁଙ୍କ ନାମ ଥିଲା ଥମ୍ପସନ । ସେ ଥିଲେ ବିଲାତର ଲୋକ । ବିଲାତର ଚାଲିଚଳଣି ବିଷୟରେ ଜାଣିବା ପାଇଁ ଯୁବକ ଙ୍କ ମନରେ ଆଗ୍ରହ ଥିଲା । ସେଥିପାଇଁ ସେ ବନ୍ଧୁ ଥମ୍ପସନଙ୍କୁ ବହୁତ କଥା ପଚାରୁଥିଲେ । ରାସ୍ତାରେ ଅନେକ ଲୋକ କୁକୁର ଧରି ଯାଉଥିବାର ଦେଖି ଯୁବକ ପଚାରିଲେ ଆପଣଙ୍କ ଦେଶରେ ଲୋକ କୁକୁରଙ୍କୁ ଖୁବ ଭଲ ପାଆନ୍ତି ବୋଧହୁଏ ?

ଯୁବକଙ୍କ ପ୍ରଶ୍ନ ଶୁଣି ଥମ୍ପସନ କହିଲେ "କୁକୁର ହେଉଛି ଆମ ସମସ୍ତଙ୍କ ପ୍ରିୟ, ଘରେ ଘରେ ଲୋକେ କୁକୁର ପାଳନ୍ତି । ଏପରିକି ସ୍ୱାମୀଙ୍କର ଗୋଟେ କୁକୁର ଓ ସ୍ତ୍ରୀ ଙ୍କର ଆଉ ଏକ ପୋଷା କୁକୁର ଥାଏ ସେମାନେ ନିଜ କୁକୁରଙ୍କୁ ନେଇ ଗର୍ବ ଅନୁଭବ କରନ୍ତି" । କଥା କହୁ କହୁ ଥମ୍ପସନ ରାସ୍ତାର ଗୋଟିଏ କଡରେ ଠିଆ ହୋଇଗଲେ । ତାଙ୍କର ଦୃଷ୍ଟି ପଡିଲା ରାସ୍ତାର ଅନ୍ୟ ପାର୍ଶ୍ୱରେ ଯାଉଥିବା ପଦଚାରୀଙ୍କ ଉପରେ । ପଦଚାରୀଙ୍କୁ ଦେଖି ତାଙ୍କ ମନ ଉଲ୍ଲସିତ ହୋଇ ଉଠିଲା । ସେ ଡାକିଲେ "ମିଷ୍ଟର ଜନ , ଆପଣ ଏପଟକୁ ଟିକିଏ ଆସିବେକି?"

ODM PUBLIC SCHOOL
SCHOOL OF HUMAN EXCELLENCE

ଭାରତୀୟ ଯୁବକ ଜଣକ ରାସ୍ତାର ଆରପଟକୁ ଲକ୍ଷ୍ୟ କଲେ । ଦେଖିଲେ ଜଣେ ବୃଦ୍ଧ ବ୍ୟକ୍ତି ଥମ୍ପସନଙ୍କ ଡାକରେ ଅଟକି ଯାଇଛନ୍ତି । ହାତରେ ତାଙ୍କର ଚମଡା ବେଲ୍ଟ । ସେଇଟା ବନ୍ଧା ହୋଇଛି ଗୋଟେ କୁକ୍କୁର ବେକରେ । କୁକୁରଟି ଠିଆ ହୋଇଛି ତାଙ୍କ ଆଗରେ, ଓ ନିର୍ଦ୍ଦେଶ ପାଇବା ପାଇଁ ମାଲିକକୁ ଉତ୍କଣ୍ଠାର ସହିତ ଚାହିଁ ରହିଛି । ଏହି ସମୟରେ ବୃଦ୍ଧ କହିଲେ "ଡିକ ମୋର ବନ୍ଧୁ ରାସ୍ତାର ଅପର ପାର୍ଶ୍ୱରେ ଅଛନ୍ତି, ମୋତେ ଟିକିଏ ରାସ୍ତା ପାରି କରିଦେ " ଜନ ଯେ ଜଣେ ଅନ୍ଧ, ଏକଥା ଯୁବକ ଜଣକ ବୁଝି ପାରିଲେ । ଡିକ ହେଉଛି ଏ ଅନ୍ଧଙ୍କର ଲଉଡ଼ି, ଏକଥା ତାଙ୍କୁ ଅଛପା ରହିଲା ନାହିଁ ।

ଯୁବକ ଜଣକ ଲକ୍ଷ୍ୟ କଲେ, ଡିକ ରାସ୍ତା ଉପରେ ନଜର ପକାଇଲା । କାରଣ ରାସ୍ତାରେ ଅନବରତ ଗାଡିଘୋଡା ଯା' ଆସ କରୁଥିଲା । ଟିକିଏ ସୁବିଧା ମିଳିଲେ ତ ସେ ତା ମାଲିକକୁ ରାସ୍ତା ପାରି କରିଦେବ ।

ODM
PUBLIC SCHOOL
SCHOOL OF HUMAN EXCELLENCE

କିଛି ସମୟ ପରେ ଡିକ ଦେଖିଲା, ରାସ୍ତା ଟିକିଏ ଫାଙ୍କା ପଡିଛି । ଡିକ ଲକ୍ଷ କଲା ଦୂରରୁ ଗୋଟିଏ ଗାଡି ଆସୁଛି । ହୁଏତ ସିଏ ଠିଆ ହୋଇଥିବା ସ୍ଥାନରେ ଗାଡିଟି ପହଂଚିବାକୁ ପ୍ରାୟ ଦୁଇ ମିନିଟ ସମୟ ଲାଗିବ । ବାସ ! ଏହି ୨ ମିନିଟ ଥିଲା ଡିକ ପାଇଁ ସୁବର୍ଣ୍ଣ ସୁଯୋଗ । ସେ ଆଗେଇ ଚାଲିଲା ପ୍ରଧାନ ରାସ୍ତାର ମଝିକୁ । ହାତ ମୁଠାରେ ଥିବା ବେଲ୍ଟଟି ଝିଙ୍କି ହେବାରୁ ଡିକ ଯିବା କଥା ଜନ ଜାଣି ପାରିଲେ । ସେ ଚାଲିଲେ ଡିକର ପଛେପଛେ । ଗାଡିଟି ଆସିବା ପୂର୍ବରୁ ଡିକ ଜନଙ୍କୁ ରାସ୍ତା ପାରି କରିଦେଇଥିଲା ।

ଗୋଟିଏ କୁକୁରର ଏପରି କାର୍ଯ୍ୟ ଦେଖି ଯୁବକଙ୍କ ବିସ୍ମୟର ସୀମା ରହିଲା ନାହିଁ । ସେ ମନେମନେ କହିଲେ " ସବାସ ଡିକ ! ତୋତେ କିଏ ବା କୁକୁର ବୋଲି କହିବ"?

ODM PUBLIC SCHOOL
SCHOOL OF HUMAN EXCELLENCE

ଥମ୍ପସନ, ଜନଙ୍କ ସହିତ  ଯୁବକଙ୍କ ପରିଚୟ କରାଇ ଦେଲେ  ।  ହଜାର ହଜାର କିଲୋମିଟର ଦୂରରୁ ଭାରତରୁ  ଆସିଥିବା ଯୁବକଙ୍କ ପ୍ରତି ଜନଙ୍କ ମୁଖ  ମଣ୍ଡଳରେ  ଶୁଭେଚ୍ଛାର ଭାଷା ଫୁଟି  ଉଠିଲା ।  ଡିକର ପିଠିରେ ହାତ ବୁଲାଇ ଆଣୁ ଆଣୁ ଜନଙ୍କୁ ଯୁବକ ଜଣକ ପଚାରିଲେ “ ଡିକ ଆପଣଙ୍କର ସବୁକାମ  କରିଦିଏ ? ଜନ  କହିଲେ  “ହଁ ଡିକ ହେଉଛି ମୋର ସବୁକିଛି । ତାକୁ ମୁଁ ପରିବା  ଦୋକାନକୁ ଯିବାକୁ କହିଲେ  ସେ ମୋତେ ସେଠାକୁ ନେଇଯାଏ, ଜଳଖିଆ ଦୋକାନକୁ  ସେ ମଧ ମୋତେ ବାଟ ଦେଖାଇଦିଏ । ଆମେ ଦୁଇବନ୍ଧୁ  ରୁଟି ଓ ବିସ୍କୁଟ ଖାଉ  । ଅନାବିଳ ବନ୍ଧୁତ୍ୱର  ଆନନ୍ଦ ପାଉ ।”

"ଏପରି ସାହାଯ୍ୟକାରୀ ବନ୍ଧୁଟିଏ ଆପଣ ପାଇଲେ କେଉଁଠୁ ?" ଯୁବକ ଜଣକ ପଚାରିଲେ " ସେ ବନ୍ଧୁଟିକୁ ମୋ ହାତରେ ଟେକି ଦେଇଛନ୍ତି ଆମ ଦେଶର ପୋଲିସ ସଂସ୍ଥା, ଏହି ସଂସ୍ଥା ତରଫରୁ ମୋ ପରି ଚକ୍ଷୁହୀନ ଲୋକମାନଙ୍କୁ ତାଲିମ ପ୍ରାପ୍ତ କୁକୁରମାନ ଯୋଗାଇ ଦିଆଯାଇଥାଏ, ଏହା କହି ଜନ ପକେଟ ରୁ ଚିଠିଟିଏ ବାହାର କଲେ ଓ ଯୁବକ ଜଣଙ୍କୁ ଦେଖାଇଲେ ।

ODM PUBLIC SCHOOL
SCHOOL OF HUMAN EXCELLENCE

ଚିଠିଟି ଉପରେ ଯୁବକ ଜଣକ ଟିକିଏ ଆଖି ବୁଲେଇ ଆଣିଲେ । କୁକୁର ତାଲିମ ସଂସ୍ଥାର ନିର୍ଦ୍ଦେଶକ ଜନଙ୍କ ପାଖକୁ ଏ ଚିଠିଟି ଲେଖିଥିଲେ । ସେଥିରେ ଲେଖା ଥିଲା "ପ୍ରିୟବନ୍ଧୁ ଜନ, ଡିକ ଆପଣଙ୍କ ସେବାରେ ଯାଉଛି, ମୋର ଆଶା ସେ ତା'ର ସମସ୍ତ ବୁଦ୍ଧି ଓ କୌଶଳ ଖଟାଇ ଆପଣଙ୍କୁ ସାହାଯ୍ୟ କରିବ । ଆପଣଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ମଧ ହୋଇପାରିବ ।" "ବାଃ, ଆପଣଙ୍କ ଦେଶରେ କି ଚମତ୍କାର ବ୍ୟବସ୍ଥା ! " ଯୁବକଙ୍କ ତୁଣ୍ଡରୁ ସ୍ୱତଃ ବାହାରି ପଡିଲା ।

ଯୁବକ ଜଣକ କ୍ଷଣକ ପାଇଁ ଜନଙ୍କ କଳା ଚଷମା ଓ ଡିକର ଉଜ୍ଜ୍ୱଳ ଆଖି ଉପରେ ନଜର ବୁଲାଇ ଆଣିଲେ । ଜନଙ୍କର ସିନା ଆଖି ନାହଁ, ହେଲେ ଡିକର ତ ଆଖି ଅଛି! ଡିକର ସେହି ଆଖି କଣ ଜନଙ୍କ ଆଖି ନୁହେଁ ।

ODM PUBLIC SCHOOL
SCHOOL OF HUMAN EXCELLENCE

# ଗୃହକର୍ମ

## ବିଷୟ ଟି ଭଲ ଭାବରେ ପଢ





# THANKING YOU

# ODM EDUCATIONAL GROUP